# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 4 August – 2026

**************************************

## <u>ମୁଖ୍ୟ ସମ୍ବାଦ</u>

- ସଂସଦର ଅନୁମୋଦନ ଲାଭ କଲା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଧେୟକ-୨୦୨୬
- ବ୍ରହ୍ମପୁର ତପ୍ତପାଣିଠାରେ କନ୍ଧୁଣୀଦେବୀ ମନ୍ଦିରରେ ପୂଜାର୍ଚ୍ଚନା କଲେ ରାଷ୍ଟ୍ରପତି
- ବନ୍ୟା କ୍ଷୟକ୍ଷତି ଆକଳନ ତ୍ୱରାନ୍ୱିତ କରିବାକୁ ସରକାରଙ୍କ ନିର୍ଦ୍ଦେଶ

— ଓଡ୍ରାଫ୍‌କୁ ଏସ୍‌ଡିଆରଏଫ୍ ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି

ଏବଂ

- ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ୧୦ଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ

## ଲୋକସଭା-ରାଜ୍ୟସଭା

ରାଜ୍ୟସଭାରେ ଆଜି  ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଧେୟକ-୨୦୨୬ ପାରିତ ହେବା ପରେ ଏହା ସଂସଦର ଅନୁମୋଦନ ଲାଭ କରିଛି । ପୂର୍ବରୁ ଏହି ବିଧେୟକ ଲୋକସଭାରେ ପାରିତ ହୋଇଥିଲା । ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ବିଧେୟକକୁ ଆଗତ କରିଥିଲେ । ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଆଇନ୍ ୧୯୬୯କୁ ସଂଶୋଧନ କରିବା ହେଉଛି, ଏହି ବିଧେୟକର ମୁଖ୍ୟ ଉଦ୍ଦେଶ୍ୟ । ବିଲ୍ ଉପରେ ଆଲୋଚନା କରି ମନ୍ତ୍ରୀ କହିଥିଲେ, ବିଲ୍‌ରେ ଜନ୍ମ ମୃତ୍ୟୁ ସମ୍ପର୍କରେ ବିଳମ୍ବିତ ପଞ୍ଜୀକରଣ ଲାଗି କଠୋର ବ୍ୟବସ୍ଥା ସହିତ ସମୟୋଚିତ ପଞ୍ଜୀକରଣ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି । ଦେଶବ୍ୟାପୀ ବର୍ତ୍ତମାନ ପ୍ରାୟ ସାଢେ ୩ ଲକ୍ଷ ପଞ୍ଜୀକରଣ ୟୁନିଟ୍ କାର୍ଯ୍ୟକ୍ଷମ ରହିଛି ।

## ଲୋକସଭା-୨

ଲୋକସଭାରେ ଆଜି ତୃତୀୟ ବ୍ୟୟମଞ୍ଜୁରୀ ବିଲ୍ ୨୦୨୬ ପାରିତ ହୋଇଛି । ୨୦୨୨-୨୩ ଆର୍ଥିକବର୍ଷର ମାର୍ଚ୍ଚ ୩୧ ତାରିଖ ସୁଦ୍ଧା କେତେକ ଜରୁରୀ ଆବଶ୍ୟକତା ପାଇଁ ସଂଚିତ ପାଣ୍ଠିରୁ ଖର୍ଚ୍ଚ ହେବାକୁଥିବା ଅର୍ଥକୁ ଅନୁମୋଦନ ଦେବା ସକାଶେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ବିଲ୍ ଆଗତ କରିଥିଲେ । ଏଥିରେ କେନ୍ଦ୍ର ସରକାର ୫୪ ହଜାର କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ଅନୁମୋଦନ କରିବାକୁ ଉଲ୍ଲେଖ କରିଥିଲେ । ଏହି ଅର୍ଥ ଋଣ ପରିଶୋଧ ଉଦ୍ଦେଶ୍ୟରେ ବ୍ୟୟ ହେବ ।

## ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ତପ୍ତପାଣିଠାରେ ମା' କନ୍ଧୁଣୀଦେବୀ ମନ୍ଦିର ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ରାଷ୍ଟ୍ରପତି ଆଜି ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁରରେ ପହଞ୍ଚିଥିଲେ। ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ।

ରାଷ୍ଟ୍ରପତି ଆଜି ସନ୍ଧ୍ୟାରେ ଗୋପାଳପୁରସ୍ଥିତ ପ୍ରତିରକ୍ଷା ବାୟୁସେନା କଲେଜରେ ରାତ୍ରିଯାପନ କରିବେ। ଆସନ୍ତାକାଲି  ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

# ଓଡ଼ିଶା ଫ୍ଲଡ

ରାଜ୍ୟରେ ବନ୍ୟାସ୍ଥିତିରେ ସୁଧାର ଆସିବାରେ ଲାଗିଛି। ମହାନଦୀ ସମେତ ବିଭିନ୍ନ ଶାଖାନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇଛି। ବର୍ତ୍ତମାନ ସୁଦ୍ଧା ତଳିଆ ଅଞ୍ଚଳରୁ ସମ୍ପୂର୍ଣ୍ଣ ଭାବେ ବନ୍ୟାଜଳ ନିଷ୍କାସନ ହୋଇନଥିବାରୁ ଅନେକ ପରିବାର ବିସ୍ଥାପିତ ହୋଇ ରହିଛନ୍ତି।

ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ **ସୁରେଶ ପୂଜାରୀ** ପ୍ରଭାବିତ ଜିଲ୍ଲାରେ କ୍ଷୟକ୍ଷତି ଆକଳନକୁ ତ୍ୱରାନ୍ୱିତ କରିବା ସହ କ୍ଷତିଗ୍ରସ୍ତ ଚାଷଜମି, ଗୃହ, ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ଅନ୍ୟାନ୍ୟ କାର୍ଯ୍ୟାଳୟର କ୍ଷୟକ୍ଷତି ଆକଳନ ଶୀଘ୍ର ଶେଷ କରିବାକୁ କହିଛନ୍ତି। ଏହା ସହ ତ୍ୱରିତ କ୍ଷତିପୂରଣ ପ୍ରଦାନ ସୁନିଶ୍ଚିତ କରିବାକୁ ମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ **କନକ ବର୍ଦ୍ଧନ ସିଂହଦେଓ** ଆଜି କେନ୍ଦ୍ରାପଡା ଜିଲ୍ଲା ଗସ୍ତ କରି ବନ୍ୟାଞ୍ଚଳ ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିବା ପରେ ଜିଲ୍ଲା ଅନ୍ତର୍ଗତ ସମସ୍ତ ବିଧାୟକ ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ।

ଆଗାମୀ ଲଘୁଚାପ ବର୍ଷା ଉପରେ ସତର୍କ ଦୃଷ୍ଟି ରଖିବା ସହ ତୁରନ୍ତ ବନ୍ୟା କ୍ଷୟକ୍ଷତି ଆକଳନ କରି ରିପୋର୍ଟ ପ୍ରଦାନ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

**- V/O - (କନକ ବର୍ଦ୍ଧନ ସିଂହଦେଓ)**

ଉପମୁଖ୍ୟମନ୍ତ୍ରୀ **ପ୍ରଭାତୀ ପରିଡା** ଆଜି ଯାଜପୁର ଜିଲ୍ଲାର ବଡଚଣାରେ ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ସମୀକ୍ଷା କରିଛନ୍ତି। ଶ୍ରୀମତୀ ପରିଡା ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

## କ୍ଷୟକ୍ଷତି

ଚଳିତ ବନ୍ୟାରେ **ଭଦ୍ରକ** ଜିଲ୍ଲାର ୬ଟି ବ୍ଲକ୍‌ର ୫ ଲକ୍ଷ  ୪୬ ହଜାର ୯୨୩ ଜଣ ଲୋକ ପ୍ରଭାବିତ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ସୂଚନା ଦେଇଛନ୍ତି।  ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଣମାଧ୍ୟମକୁ ଶ୍ରୀ ସାହୁ କହିଛନ୍ତି, ସାଳନ୍ଦୀ ଓ ବୈତରଣୀରେ ବନ୍ୟା ଯୋଗୁଁ ୬ଟି ବ୍ଲକ୍ ଓ ୩ଟି ପୌରାଞ୍ଚଳର ୨ ଲକ୍ଷ ୨୬ ହଜାର

୫୩୦ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇ ୩୪୬ ଆଶ୍ରୟସ୍ଥଳରେ ରଖାଯାଇଥିଲା।

## ବିପର୍ଯ୍ୟୟ ପରିଚାଳନା ସମୀକ୍ଷା

ରାଜ୍ୟ ସରକାର ଓଡ଼ିଶା ବିପର୍ଯ୍ୟୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ-ଓଡ୍ରାଫଙ୍କୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ବା ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନସ୍ ଫୋର୍ସ୍ ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଭିତ୍ତିଭୂମି ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି।

ବୈଠକରେ ଓଡ୍ରାଫ୍‌କୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସଂପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ସହ ସ୍ୱତନ୍ତ୍ର ବାଟାଲିୟନ୍ ଗଠନ ଏବଂ ଏହାର ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରୁ ଜଣାପଡିଛି ଆଜି ସୁଦ୍ଧା ୯ଟି ଜିଲ୍ଲାରେ ଓଡ୍ରାଫ୍ ବାହିନୀ ଦ୍ୱାରା ୧୪ ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ବୈଠକରେ ଓଡ୍ରାଫ୍‌ର ଦକ୍ଷତା ଓ କ୍ଷମତା ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଓଡ୍ରାଫ୍‌ର ୧୦ଟି ନୂତନ ୟୁନିଟ୍ ସ୍ଥାପନ ସହ ମୋଟ୍ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ।

ମନ୍ତ୍ରୀ ଓଡ୍ରାଫ୍‌ର କାର୍ଯ୍ୟ, ପ୍ରଶିକ୍ଷଣ ଆବଶ୍ୟକ ଭିତ୍ତିଭୂମି ଓ ମାନବ ସମ୍ବଳ ପରିଚାଳନା ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ମୁକେଶ ମହାଲିଙ୍ଗ

ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ସୁଦୃଢ, ଗୁଣାତ୍ମକ ଓ ଜନକଲ୍ୟାଣକାରୀ କରିବା ପାଇଁ ଭୁବନେଶ୍ୱର ଖାରବେଳ ଭବନରେ ସରକାର ୧୦ଟି ପ୍ରମୁଖ ସଂସ୍ଥା ସହିତ ଆଜି ଗୁରୁତ୍ୱପୂର୍ଣ୍ଣ ସମ୍ମତିପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିଗୁଡ଼ିକ ମାଧ୍ୟମରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଜରୁରିକାଳୀନ ଚିକିତ୍ସା, ଆୟୁର୍ବେଦ, ପରୀକ୍ଷାଗାର ମାନ୍ୟତା ଓ ସ୍ୱାସ୍ଥ୍ୟ ପ୍ରଶାସନ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ **ଡକ୍ଟର ମୁକେଶ ମହାଲିଙ୍ଗ** କହିଛନ୍ତି।

**- V/O -**

## ବୁଝାମଣାପତ୍ର

ସାଇବର ଅପରାଧର ସଠିକ୍ ମୁକାବିଲା, ଡିଜିଟାଲ ଫୋରେନ୍‌ସିକ୍‌ରେ ଦକ୍ଷତା ବୃଦ୍ଧି ଏବଂ ବୈଜ୍ଞାନିକ ତଦନ୍ତ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ୍‌ର ସିଆଇଡି-କ୍ରାଇମ୍‌ବ୍ରାଞ୍ଚ ଏବଂ ଭୁବନେଶ୍ୱରସ୍ଥିତ ରାଷ୍ଟ୍ରୀୟ ଫୋରେନ୍‌ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ-NFSU ମଧ୍ୟରେ ଆଜି ଏକ ୫ ବର୍ଷିଆ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ଉପସ୍ଥିତିରେ କ୍ରାଇମ୍‌ବ୍ରାଞ୍ଚ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ଏବଂ NFSU'ର କ୍ୟାମ୍ପସ୍

ନିର୍ଦ୍ଦେଶିକା ଡକ୍ଟର ପୂରବୀ ପୋଖରିଆଲ ଏହି ବୁଝାମଣାପତ୍ରରେ ସ୍ୱାକ୍ଷରିତ କରିଥିଲେ । ଏହି ଅବସରରେ ଡିଜିପି ଶ୍ରୀ ଖୁରାନିୟା 'ସାଇବର ଅପରାଧ ତଦନ୍ତ ଏବଂ ଡିଜିଟାଲ ଫୋରେନ୍‌ସିକ୍' ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

## ଚିଲିକା

ଚିଲିକାକୁ ଏକ ଆକର୍ଷଣୀୟ ଏବଂ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳି ଭାବେ ଗଢି ତୋଳିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଆଜି ଚିଲିକାର ସାମଗ୍ରିକ ପର୍ଯ୍ୟଟନ ବିକାଶ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସୁବିଧା, ଜଳକ୍ରୀଡା, ଦୁଃସାହସିକ ପର୍ଯ୍ୟଟନ, ବୋଟିଂ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରାଯିବ । ମା' କାଳିଯାଈ ପୀଠର ସର୍ବାଙ୍ଗିନ ବିକାଶ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା । ଚିଲିକାର ପରିବେଶ, ଜୈବ-ବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

## ମଙ୍ଗଳା ପୀଠ

ପୁରୀ ଜିଲ୍ଲା କାକଟପୁର ମା' ମଙ୍ଗଳାଙ୍କ ପୀଠର ସାମଗ୍ରିକ ବିକାଶ ନେଇ ଭୁବନେଶ୍ୱର ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୀଠର ବିଜେସ୍ଥଳି ଏବଂ

ପାରିପାର୍ଶ୍ୱିକ ଅଂଚଳର ସୌନ୍ଦର୍ଯ୍ୟକରଣ ନେଇ ଆଲୋଚନା କରିଥିଲେ। ଏହା ସହ ମୁଖ୍ୟ ମନ୍ଦିରର ମରାମତି, ରୋଷଘର, ସେବାୟତ ଭବନ ନିର୍ମାଣ ଆଦି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପୀଠ ଉନ୍ନତୀକରଣର ରୂପରେଖ ପ୍ରସ୍ତୁତ କରି ସେପ୍ଟେମ୍ବର ମାସ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଥିଲେ।

## ଓଡ଼ିଆ ସାମ୍ବାଦିକତା ଦିବସ

ଓଡ଼ିଆ ସାମ୍ବାଦିକତାର ଇତିହାସ, ଐତିହ୍ୟ ଓ ଗଣମାଧ୍ୟମର ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଏ। ଓଡ଼ିଶାର ଲୋକଙ୍କୁ ସୂଚନା ପ୍ରଦାନ ପାଇଁ ୧୮୬୬ ମସିହା ଆଜିର ଦିନରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର 'ଉତ୍କଳ ଦୀପିକା' ପ୍ରକାଶ ପାଇଥିଲା। ଓଡ଼ିଆ ସାମ୍ବାଦିକତା ଏବଂ ଖବର କାଗଜ ପ୍ରକାଶନରେ 'ଉତ୍କଳ ଦୀପିକା'ର ପ୍ରାସଙ୍ଗିକତାକୁ ସ୍ମରଣ କରି ଆଜି ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଉଛି।

ନଅଙ୍କ ଦୁର୍ଭିକ୍ଷର ବୀଭିଷିକା, ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ଆହ୍ୱାନ ମଧ୍ୟରୁ ଜନ୍ମ ନେଇଥିବା ଏହି ସମ୍ବାଦପତ୍ର ନୂତନ ଜନଜାଗରଣର ମାଧ୍ୟମ ସାଜିବାରେ ସଫଳ ହୋଇଥିଲା। 'ଉତ୍କଳ ଦୀପିକା' ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ଖବର କାଗଜ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ।

# ପ୍ରଶିକ୍ଷଣ

କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ-କେ.ଜି.ବି.ଭି.'ର ୱାର୍ଡେନ୍‌ମାନଙ୍କ ନିମନ୍ତେ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ନୂଆଦିଲ୍ଲୀର ଜାତୀୟ ଶିକ୍ଷା ଯୋଜନା ଏବଂ ପ୍ରଶାସନ ପ୍ରତିଷ୍ଠାନ-ନିପା ଏବଂ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ-ଓସେପା'ର ମିଳିତ ସହଯୋଗରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ-ଆର.ଆଇ.ଇ.ଠାରେ ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓସେପାର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ୱାର୍ଡେନ୍‌ମାନଙ୍କୁ ବିଦ୍ୟାଳୟରେ ସୁସ୍ଥ ଓ ନିରାପଦ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ।